ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

e-mail : dkl.dipro@gmail.com
Tel. No. - (06762) 224414

ପତ୍ର ସଂଖ୍ୟା ---୪୯୨----/ସୂ.ଲୋ.ସଂ ତା.୧୯-୦୮-୨୦୨୦--

ଢେଙ୍କାନାଳ ଜିଲ୍ଲାରେ ଆଉ ୨୪ ଜଣ କରୋନା ପଜିଟିଭ୍ ଚିହ୍ନଟ, ଚିକିତ୍ସା ପରେ ୧୪ ଜଣ ସୁସ୍ଥ ହେଲେ ।

ଢେଙ୍କାନାଳ, ତା. ୧୯-୦୮-୨୦୨୦- ଢେଙ୍କାନାଳ ଜିଲ୍ଲାରେ ଆଉ ୨୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଭୁକ୍ତ ଏନ୍.ଏ.ସି.ରୁ ୧୩ ଜଣ, ଭୁକ୍ତ ବ୍ଲକ୍‌ରୁ ୨ ଜଣ, ଶଙ୍କର ବ୍ଲକ୍‌ରୁ ୪ ଜଣ, ହିନ୍ଦୋଳ ବ୍ଲକ୍‌ରୁ ୨ ଜଣ, ଢେଙ୍କାନାଳ ସୁନସୁଆଳିରୁ ୨ ଜଣ, ଗଂଧିଆ ବ୍ଲକ୍‌ରୁ ଜଣେ ଏବଂ ହିନ୍ଦୋଳ ଏନ୍.ଏ.ସି.ରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ଶଙ୍କର ବ୍ଲକ୍‌ରୁ ଆକ୍ରାନ୍ତଙ୍କ ମଧ୍ୟରେ ଜେଗୁଣିଆପଡ଼ାର ଜଣେ, ଜାଡ଼ଘର ଜଣେ, ନପୁରାଘୁମାଳାର ଜଣେ, ଟେଙ୍ଗାପାଳର ଜଣେ ପୁଲା ଜଙ୍କ ଭୁକ୍ତ ବ୍ଲକ୍‌ର ଶଠକୁଳାର ଜଣେ, ଆଦିବୁରୁ ଜଣେ ଚିହ୍ନଟ ହୋଇଛନ୍ତି । ସେହିପରି ହିନ୍ଦୋଳ ବ୍ଲକ୍‌ର ରଘୁନାଥପୁରରୁ ୨ ଜଣ, ଢେଙ୍କାନାଳ ସୁନସୁଆଳିରୁ ପେଟଳ ସାହିରୁ ଜଣେ ଏବଂ କାଳୀ ସାହିରୁ ଜଣେ ଚିହ୍ନଟ ହୋଇଥିବା ଜଙ୍କ ଗଂଧିଆ ବ୍ଲକ୍‌ର ଆମ୍ବଗାଡ଼ାଳୀରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ଏହି ୨୪ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୨୦ ଜଣ ଆଣ୍ଟିଜେନ୍ ଟେଷ୍ଟ ଦ୍ୱାରା ଚିହ୍ନଟ ହୋଇଛନ୍ତି ଏବଂ କାର୍ଡ଼, ଉତ୍କଳମଣିରେ ଦୁଇଜଣଙ୍କ ୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଆକ୍ରାନ୍ତ ମାନଙ୍କ ଲକ୍ଷଣ ଅନୁଯାୟୀ ଚିକିତ୍ସା ନିମନ୍ତେ ଗୋବିନ୍ଦପୁର ସ୍ଥିତ କୋଭିଡ୍ ହସ୍ପିଟାଲ୍‌ରେ ଏବଂ ଢେଙ୍କାନାଳ ଟେକୋଭିଡ୍ ହସ୍ପିଟାଲକୁ ପଠାଯାଇଛି ଏବଂ ସେମାନେ ଚାରୁପ୍ରଜା ଘର ଓ ବିଲୁଣ୍ଡ ଅଞ୍ଚଳକୁ ଚିହ୍ନଟ କରାଯାଇଛି ।

ଜିଲ୍ଲାରେ ଆଉ ୧୪ ଜଣ ଚିକିତ୍ସା ପରେ ସୁସ୍ଥ ହୋଇଛନ୍ତି । ଆଜି ସୁଦ୍ଧା ଜିଲ୍ଲାରେ ସମୁଦାୟ ୯୮୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ୬୪୦ ଜଣ ଚିକିତ୍ସା ପରେ ସୁସ୍ଥ ହୋଇଛନ୍ତି, ଜଣେ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି ଏବଂ ୩୩୩ ଜଣ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି ।

ଏହାର ସକଳ ନାଗରିକଙ୍କ ଅବଗତି ପାଇଁ ଜାରି ଓ ପ୍ରଚାର ନିମନ୍ତେ ପଠାଗଲା ।

୧୯.୮.୨୦୨୦
ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ
ଢେଙ୍କାନାଳ